**DAV PUBLIC SCHOOL, BHUBANESWAR**
**PERIODIC ASSESSMENT-I (2021-22)**
**CLASS-IX**
**SUB-ODIA**

**TIME:1 Hr** **F.M.-40**

୧) ନିମ୍ନଲିଖିତ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ମଧ୍ୟରୁ ବାଛ । (୫)

ଫକୀରମୋହନ ସେନାପତି ଥିଲେ ଆଧୁନିକ ଓଡ଼ିଆ କଥା ସାହିତ୍ୟର ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ମାନସ । ସେ ମଧ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପ, ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକା, ପ୍ରଥମ ଓଡ଼ିଆ ଆତ୍ମଜୀବନୀର ସ୍ରଷ୍ଟା । ଏକାଧାରରେ ସେ ଥିଲେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଅନୁବାଦକ,ସମ୍ପାଦକ ଓ ଆତ୍ମଚରିତର ଲେଖକ। ସେ ମଧ ଥିଲେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର । ୧୮୪୩ ମସିହା ମକର ସଂକ୍ରାନ୍ତି ଦିନ ବ୍ୟାସକବି ଫକୀରମୋହନ ସେନାପତି ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁରରେ ଜନ୍ମ ଗ୍ରହଣ କରିଥିଲେ । ପିତା ଲକ୍ଷ୍ମଣ ସେନାପତି ଓ ମାତା ତୁଳସୀଦେବୀଙ୍କ କୋଳ ମଣ୍ଡନ କରି ସେ ଜନ୍ମ ହୋଇଥିଲେ ମଧ ଅଳ୍ପ ଦିନ ମଧ୍ୟରେ ସେ ଅନାଥ ହୋଇଯାଇଥିଲେ । ଚପଳତାହୀନ ବାଲ୍ୟ ଓ ଲକ୍ଷ୍ୟହୀନ କୈଶୋରର ଦୟନୀୟ ଜୀବନ ସେ ମାତାପିତାଙ୍କ ସ୍ନେହ ବିନା ବିତାଇଥିଲେ। ସେ ତାଙ୍କ ପ୍ରଥମା ପତ୍ନୀଙ୍କୁ ହରାଇବା ପରେ ଦ୍ୱିତୀୟ ବିବାହ କରିଥିଲେ କୃଷ୍ଣାକୁମାରୀଙ୍କୁ । ଏହା ପରେ ତାଙ୍କର ସର୍ଜନଶୀଳ ଜୀବନର ବିକାଶ ପ୍ରକ୍ରିୟା ପ୍ରଭାବଶାଳୀ ହୋଇପାରିଥିଲା । ଉତ୍କଳର ପ୍ରକୃତି ଓ ଲୋକଚରିତ୍ର ସହିତ ଆତ୍ମୀୟତା ତାଙ୍କ କ୍ଷେତ୍ରକୁ ପ୍ରଭାବଶାଳୀ କରିପାରିଥିଲା । ଓଡ଼ିଆ ଭାଷାକୁ ଓଡ଼ିଶା ମାଟିରୁ ବିଲୋପ କରିବା ପାଇଁ ବଙ୍ଗାଳୀମାନେ ଯେଉଁ ଚକ୍ରାନ୍ତ ଆରମ୍ଭ କରିଥିଲେ, ତାହାକୁ ପରାହତ କରିବା ପାଇଁ ସେ ଅବିସ୍ମରଣୀୟ ଉଦ୍ୟମ କରିଥିଲେ । ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକର ଅଭାବ ପୂରଣ ପାଇଁ ସେ ବହୁ ଶ୍ରମ ସ୍ୱୀକାର କରି କଲିକତାରୁ ଏକ ପୁରୁଣା ପ୍ରିଣ୍ଟିଂ ପ୍ରେସ୍ ଶଗଡ଼ରେ ଆଣିଥିଲେ । ଫକୀରମୋହନଙ୍କ ଆତ୍ମଜୀବନୀ କେବଳ ଏକ ସାହିତ୍ୟିକ କୃତି ନଥିଲା, ଏହା ଥିଲା ଅର୍ଦ୍ଧଶତାବ୍ଦୀର ଓଡ଼ିଶାର ଇତିହାସ । ସେ ଏକୋଇଶଟି କ୍ଷୁଦ୍ରଗଳ୍ପ ଓ ଚାରିଟି ଉପନ୍ୟାସ ରଚନା କରି ଓଡିଆ ସାହିତ୍ୟ କ୍ଷେତ୍ରରେ ଯେଉଁ ଶକ୍ତ ଭିତ୍ତିପ୍ରସ୍ତର ସ୍ଥାପନ କରିଯାଇଛନ୍ତି ପରବର୍ତ୍ତୀ ସମୟରେ ତା' ଉପରେ ଛିଡ଼ା ହୋଇଛି ସୁଦୃଶ୍ୟ ଅଟ୍ଟାଳିକା ରୂପକ ଓଡିଆ ବାଣୀ ଭଣ୍ଡାର ।

i) ଫକୀରମୋହଙ୍କ ସାହିତ୍ୟ କିପରି ପ୍ରଭାବଶାଳୀ ହୋଇଥିଲା ?

ଉତ୍କଳୀୟ ପଲ୍ଲୀ ପ୍ରକୃତିର ଅନୁପମ ଦୃଶ୍ୟ

ଲୋକଚରିତ୍ର ସହିତ ନିବିଡ ଆତ୍ମୀୟତା

ସାହିତ୍ୟିକମାନଙ୍କ ସହିତ ଘନିଷ୍ଠ ସମ୍ପର୍କ

ଲୋକଚରିତ୍ର ସହିତ  ଆତ୍ମୀୟତା  ତଥା ଅନୁପମ ଉତ୍କଳର ପ୍ରକୃତି

ii) ଫକୀରମୋହନ ସେନାପତି କେଉଁ ଯୁଗର ସାହିତ୍ୟିକ ଥିଲେ?

କ)ସାରଳା ଯୁଗ ଖ) ପଞ୍ଚସଖାଯୁଗ ଗ) ଆଧୁନିକଯୁଗ ଘ) ରୀତିଯୁଗ

କ  ଠିକ୍ ମାତ୍ର   ଖ-ଗ-ଘ ଭୁଲ          ଖ-କ-ଘ ଭୁଲ ମାତ୍ର  ଗ ଠିକ୍

କ-ଖ  ଠିକ୍ ମାତ୍ର   ଗ-ଘ ଭୁଲ          କ-ଖ -ଗ -ଘ ଭିତରୁ କେବଳ ଖ ହିଁ ଠିକ୍

iii) ଫକୀର ମୋହନ କେଉଁ ଉଦ୍ଦେଶ୍ୟରେ  କଲିକତାରୁ ପ୍ରିଣ୍ଟିଂ ପ୍ରେସ୍ ଆଣିଥିଲେ?

ନିଜର ବ୍ୟବସାୟ ଆରମ୍ଭ କରିବା ପାଇଁ        ନିଜର ଲେଖାସବୁ ଛପାଇବା ପାଇଁ

ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ପୂରଣ ପାଇଁ     ଧର୍ମଗ୍ରନ୍ଥ ଛପାଇବା ପାଇଁ

iv) ଫକୀର ମୋହନଙ୍କ ବାଲ୍ୟକାଳ କିପରି ବିତିଥିଲା ?

କ)ମାମୁ ମାଈଙ୍କ ସ୍ନେହ ଶ୍ରଦ୍ଧାରେ   ଖ)ମାତାପିତାଙ୍କ ସ୍ନେହ ବିନା

ଗ)ଅତି ଅଲିଅଳରେ              ଘ)ବିଳାସବ୍ୟସନରେ

କ  ଠିକ୍ ମାତ୍ର     ଗ-ଘ ଭୁଲ          କ-ଘ ଭୁଲ ମାତ୍ର  ଖ ଠିକ୍

କ ଠିକ୍ ମାତ୍ର   ଖ-ଘ ଭୁଲ             କ-ଖ -ଗ -ଘ ଭିତରୁ କେହି ଠିକ୍ ନୁହେଁ

v) ଫକୀର ମୋହନଙ୍କ ଆତ୍ମଜୀବନୀର ବିଶେଷତ୍ୱ କଅଣ?

ଏହା ସର୍ବ ବୃହତ୍ ଆତ୍ମଜୀବନୀ                 ଏହା ବହୁବାର ପୁରସ୍କୃତ ହୋଇଛି

ଏହା ଅର୍ଦ୍ଧ ଶତାବ୍ଦୀ ବ୍ୟାପି ଓଡ଼ିଶାର ଇତିହାସ    ଏହା ପଦ୍ୟାକାରରେ ରଚିତ

୨) ଠିକ୍ ବିକଳ୍ପଟି ବାଛ ।  (୭)

କ) ସୁ + ଆଗତ ସନ୍ଧି କଲେ କଣ ହେବ

ସ୍ୱାଗତ   ସ୍ୱଗତ   ସୁଗତ   ସୁଆଗତ

ଖ) ସିନ୍ଧୂର୍ମି

ସିନ୍ଧୂ+ଉର୍ମି   ସିନ୍ଧୁ+ଉର୍ମି   ସିନ୍ଧୁ+ଊର୍ମି   ସିନ୍ଧୂ+ଊର୍ମି

ଗ) ସ୍ୱାଧୀନ

ସୁ+ଅଧୀନ   ସ୍ୱ+ଅଧୀନ   ସୁ+ଅଧିନ   ସ୍ୱ+ଅଧିନ

ଘ) ଅନୁଚ୍ଛେଦ

ଅନୁଃ+ଛେଦ   ଅନୁଃ+ଉଚ୍ଛେଦ   ଅନୁ+ଚ୍ଛେଦ   ଅନୁ+ଛେଦ

ଙ) କ୍ଷିତି + ଈଶ ସନ୍ଧି କଲେ କଣ ହେବ ।

କ୍ଷିତୀଶ   କ୍ଷିତିଶ   କ୍ଷୀତୀଶ   ଖିତିଶ

ଚ) ମନୋରଞ୍ଜନ

ମନଃ+ରଞ୍ଜନ   ମନ+ରଞ୍ଜନ   ମନୋଃ+ରଞ୍ଜନ   ମନୋ+ରଞ୍ଜନ

ଛ) ଚଳତ୍+ଚିତ୍ର ସନ୍ଧି କଲେ କଣ ହେବ ।

ଚଳଚିତ୍ର   ଚଳଚ୍ଚିତ୍ର   ଚଳଛିତ୍ର   ଛଳଚିତ୍ର

୩) ଠିକ୍ ବିକଳ୍ପଟି ବାଛ ।(୮)

କ)ନ ଓସାରିଆ- ଏହାର ସମସ୍ତ ପଦ କଅଣ ହେବ?

ନୋସାରିଆ   ନଓସାରିଆ   ଅନଓସାରିଆ   ଅଣଓସାରିଆ

ଖ) ବିହଙ୍ଗର ବ୍ୟାସ ବାକ୍ୟ କ'ଣ ହେବ ?

ବିଶେଷ ଭାବେ ହସି ହସି ଗମନ କରେ ଯେ   ବିହାରରେ ଗମନ କରେ ଯେ

ବିହାୟସରେ ଗମନ କରେ ଯେ   ବିଶେଷ ଅଙ୍ଗ ଦେଖାଇ ଗମନ କରେ ଯେ

ଗ) ଚରଣାଶ୍ରିତ କେଉଁ ସମାସର ଅନ୍ତର୍ଭୁକ୍ତ ?

ପଞ୍ଚମୀ ତତ୍ପୁରୁଷ   ଦ୍ୱିତୀୟା ତତ୍ପୁରୁଷ   ତୃତୀୟା ତତ୍ପୁରୁଷ   ଚତୁର୍ଥୀ ତତ୍ପୁରୁଷ

ଘ) ହଂସଡିମ୍ବ-ଏହାର ବ୍ୟାସବାକ୍ୟ କଅଣ ହେବ?

ହଂସୀର ଡିମ୍ବ   ହଂସର ଡିମ୍ବ   ହଂସିର ଡିମ୍ବ   ହଂଶର ଡିମ୍ବ

ଙ) ରଙ୍ଗମଞ୍ଚ- ଏହାର ବ୍ୟାସବାକ୍ୟ କଅଣ ହେବ?

ରଙ୍ଗ ଅଟେ ମଞ୍ଚ   ରଙ୍ଗ ପାଇଁ ମଞ୍ଚ   ରଙ୍ଗର ମଞ୍ଚ   ମଞ୍ଚ ପାଇଁ ରଙ୍ଗ

ଚ) କକ୍ଷଚ୍ୟୁତ କେଉଁ ସମାସର ଅନ୍ତର୍ଭୁକ୍ତ ?

ଦ୍ୱିତୀୟା ତତ୍ପୁରୁଷ   ତୃତୀୟା ତତ୍ପୁରୁଷ   ଚତୁର୍ଥୀ ତତ୍ପୁରୁଷ   ପଞ୍ଚମୀ ତତ୍ପୁରୁଷ

ଛ) ମାଙ୍କଡ଼ଖିଆ- ଏହାର ବ୍ୟାସବାକ୍ୟ କଅଣ ହେବ?

ମାଙ୍କଡ଼ ଦ୍ୱାରା ଖିଆ   ମାଙ୍କଡ଼ ଖାଏ ଯେ   ମାଙ୍କଡ଼କୁ ଖିଆ   ମାଙ୍କଡ଼ଠାରୁ ଖାଏ ଯେ

ଜ) ନରାଧମ- ଏହାର ବ୍ୟାସବାକ୍ୟ କଅଣ ହେବ?

ନର ଅଟେ ଅଧମ   ନର ପାଇଁ ଅଧମ   ନରମାନଙ୍କ ମଧ୍ୟରେ ଅଧମ   ଅଧମ ଅଟେ ନର

୪) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପମଧ୍ୟରୁ ବାଛି ଦିଅ ।  (୨୦)

କ) ଚତୁଃସମ କାହାକୁ କୁହାଯାଏ?

ଚନ୍ଦନ, କଜ୍ଜଳ, କଙ୍କୁମ କସ୍ତୁରୀ   ଚନ୍ଦନ, ଅଗୁର, କୁଙ୍କୁମ, କସ୍ତୁରୀ

ଚନ୍ଦନ, ଅଗୁର, କୁଙ୍କୁମ, କଜ୍ଜଳ   ଚନ୍ଦନ, କଜ୍ଜଳ, ସୁମନ, କସ୍ତୁରୀ

ଖ) "କାହାମୁଖ ଅନାଇ ବଞ୍ଚିବି" ପଦ୍ୟଟି କେଉଁ ଛାନ୍ଦରୁ ଆନୀତ?

ପଞ୍ଚମ ନବମ   ସପ୍ତମ   ଷଷ୍ଠ

ଗ) ଜୀବନ ବିହୁନେ କାହାର ଅବସ୍ଥା ଶୋଚନୀୟ ହୁଏ?

ପ୍ରାଣୀର ପ୍ରାଣର ଝଷର ମାଆର

ଘ)କୃଷ୍ଣ ଡରିଗଲେ କଅଣ କରୁଥିଲେ?

ଘରୁ ଧାଇଁ ପଳାଉଥିଲେ ଧାଇଁ ଆସି ମାଆଙ୍କୁ କୋଳ କରୁଥିଲେ

ମାଆଙ୍କ ପଣତରେ ମୁହଁ ଲୁଚାଉଥିଲେ ବାପାଙ୍କ ପାଖକୁ ପଳାଉଥିଲେ

ଙ)ନିମ୍ନଲିଖିତ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ନୁହେଁ?

କୃଷ୍ଣ ଉଚ୍ଚ ପାହାଚ ଚଢ଼ି ପାରୁନଥିଲେ କୃଷ୍ଣ ପିଲାଦିନେ ଅନ୍ଧାରକୁ ଡରୁ ନଥିଲେ

କୃଷ୍ଣ ପିତାଙ୍କୁ ଚନ୍ଦ୍ର ପାଇଁ ଅଳି କରୁଥିଲେ କୃଷ୍ଣ ରାଗିଗଲେ ରନ୍ଧାହାଣ୍ଡି ଭାଙ୍ଗି ଦେଉଥିଲେ

ଚ) ଆଧୁନିକ ଓଡ଼ିଶାର ନିର୍ମାତା ଭାବେ କିଏ ପରିଚିତ?

ରାଧାନାଥ ରାୟ ମଧୁସୂଦନ ରାଓ ଫକୀରମୋହନ ସେନାପତି ମଧୁସୂଦନ ଦାସ

ଛ)ଉତ୍କଳ ସମ୍ମିଳନୀ କେବେ ଗଠିତ ହୋଇଥିଲା?

୧୯୦୩ ମସିହା ୧୯୩୦ ମସିହା ୧୮୬୮ ମସିହା ୧୯୩୬ ମସିହା

ଜ)କେଉଁ ଭାବଗୁଡ଼ିକ ମଣିଷକୁ ପ୍ରତିକ୍ଷଣ ତଳକୁ ଟାଣୁଛି?

ପାର୍ଥିବ ଜୀବନର ଆକର୍ଷଣୀ ଶକ୍ତି ଘରର ମାୟା ସଂସାରର ମୋହ ସଂପତ୍ତିର ଲୋଭ

ଝ)କେତେବେଳେ ଜାତିଜାତି ମଧ୍ୟରେ ସଦ୍ଭାବ ସୃଷ୍ଟି ହେବ?

ବ୍ୟକ୍ତିଗତ ଜୀବନ ପ୍ରତିଷ୍ଠା ପାଇଲେ ସହରୀ ଜୀବନ ପ୍ରତିଷ୍ଠା ହେଲେ

ଜାତୀୟ ଜୀବନ ପ୍ରତିଷ୍ଠା ହେଲେ କ୍ଷଣଭଙ୍ଗୁର ସମ୍ପର୍କ ପ୍ରତିଷ୍ଠା ହେଲେ

ଞ)କେହି ଜଣେ ଓଡ଼ିଆ ଜାତିକୁ ଗାଳି ଦେଲେ ଆମ ମନରେ ରାଗ ହୁଏ କାହିଁକି ?

ଜାତୀୟତା ପଲ୍ଲୀପ୍ରାଣତା। ଉତ୍କଳୀୟତା। ସ୍ୱାର୍ଥପରତା

ଟ)ଜାପାନ ଜାତିର ଉନ୍ନତିର ମୂଳମନ୍ତ୍ରଟି କଅଣ ?

ମୋର ପ୍ରାଣ ଯାଉ, କିନ୍ତୁ ଜାପାନୀ ଜାତିର ମାନ ବୃଦ୍ଧି ହେଉ ।

ମୁଁ ବଞ୍ଚିରହେ ଏବଂ ଜାପାନୀ ଜାତିର ମାନ ରହୁ ।

ଆମେ ମରିଯାଉ, କିନ୍ତୁ ଜାପାନୀ ଜାତି ଉପରକୁ ଯାଉ ।

ଜାପାନ ଜାତି ସହିତ ଜାପାନୀ ମାନଙ୍କର ଉନ୍ନତି ହେଉ ।

ଠ)ସବୁଠାରେ ଦୋଷତ୍ୟାଗ କରି ଗୁଣ ଗ୍ରହଣ କରିବା- ଏହି ମହାଶିକ୍ଷା ଆମେ କାହାଠାରୁ ପାଉ?

ଡାହାଳ କୁକୁର ସୂର୍ଯ୍ୟ ଜାପାନ ଜାତି ଓଡ଼ିଆ ଜାତି

ଡ) ମୋ କାର୍ଯ୍ୟ ଦ୍ୱାରା ମୋ ଜାତିର ନିନ୍ଦା ହେବକି ନାହିଁ- ଏପ୍ରଶ୍ନ କାର୍ଯ୍ୟ କରିବା ପୂର୍ବରୁ ଆମେ କାହିଁକି ନିଜକୁ ପଚାରିବା?

ଏହା ଦ୍ୱାରା ଜାତିର ମାନ ବଢ଼ିବ ଆମେ ଖରାପ କାର୍ଯ୍ୟ କରିବାରୁ ନିବୃତ୍ତ ହେବା

ଏହାଦ୍ୱାରା ଜାତି ଜାତି ମଧ୍ୟରେ ସଦ୍ଭାବ ବଢ଼ିବ  ଜାତି ଉନ୍ନତିର ଚରମ ଶିଖରରେ ପହଞ୍ଚିବ

ଢ) ମଧୁବାବୁ କେଉଁ ଉପାଧିରେ ଭୂଷିତ?

ଉତ୍କଳଘଣ୍ଟ     ଉତ୍କଳମଣି   ଉତ୍କଳଗୌରବ    ଉତ୍କଳଭାରତୀ

ଣ)କାହାକୁ ଭିତ୍ତି କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା ?

ଧର୍ମ        ଜନସଂଖ୍ୟା        ସଂସ୍କୃତି        ଭାଷା

ତ) ମଧୁବାବୁ ଓଡ଼ିଆମାନଙ୍କୁ  କ'ଣ ଶିଖାଇଛନ୍ତି ?

ଭଦ୍ରାମି    ଗର୍ବ    ସ୍ୱାଭିମାନ    ଅହଂକାର

ଥ)ବନ୍ଦ ଆଖିରେ କ'ଣ ଦେଖିବା ପାଇଁ ଲେଖକ କହିଛନ୍ତି ?

ଦୋଷ    ଗୁଣ    ସ୍ୱପ୍ନ    ସ୍ୱାର୍ଥ

ଦ) କୃଷ୍ଣ ବନକୁ ଗଲେ ମାଆ ଯଶୋଦାଙ୍କ ମନରେ କି ଅନୁଭୂତି ସୃଷ୍ଟି ହୁଏ?

ମନ ଉଲ୍ଲାସରେ ଭରି ଯାଏ ।     ତାଙ୍କ ପ୍ରାଣ ଚାଲିଗଲା ପରି ପ୍ରତୀତ ହୁଏ ।

ଅପମାନରେ ଜର୍ଜରିତ ହୁଏ ।     ମନ ଘୃଣାରେ ଭରିଯାଏ ।

ଧ) ମାତା ଯଶୋଦା  କୃଷ୍ଣଙ୍କୁ ଶ୍ୟାମଘନ ବୋଲି କାହିଁକି ସମ୍ବୋଧନ କରିଛନ୍ତି?

କୃଷ୍ଣ କଳା ରଙ୍ଗର ବଇଁଶୀ ଧାରଣ କରିଥିବାରୁ

ସେ ଯମୁନାର ଜଳ ପରି କଳା ହୋଇଥିବାରୁ

କୃଷ୍ଣଙ୍କ ଶରୀରର ରଙ୍ଗ ମେଘ ପରି କଳା ଥିବାରୁ

ତାଙ୍କ କେଶର ରଙ୍ଗ ମେଘ ପରି କଳା ହୋଇଥିବାରୁ

ନ) ମଧୁସୂଦନ ଦାସ ଓଡ଼ିଆ ଜାତିକୁ ସଚେତନ କରିବା ପାଇଁ କେତୋଟି ଉଦ୍-ବୋଧନ ମୂଳକ କବିତା ଲେଖିଥିଲେ?

୧୦ଟି    ୮ଟି    ୭ଟି     ୧୧ଟି